## ପ୍ରଥମ ଅଧ୍ୟାୟ

# ସାମାଜିକ ଶୃଙ୍ଖଳା

ଗାଁ ମଝିରେ ମୋହନବାବୁଙ୍କ ଘର । ମିଟୁ ଓ ମିକି ତାଙ୍କର ଦୁଇଟି ସନ୍ତାନ । ମିଟୁ ପଞ୍ଚମ ଶ୍ରେଣୀରେ ଓ ମିକି ସପ୍ତମ ଶ୍ରେଣୀରେ ପଢ଼େ । ମୋହନ ବାବୁଙ୍କର ଗୋଟିଏ ଛୋଟ ପରିବାର । ମୋହନ ବାବୁଙ୍କର ଗୀତ ଶୁଣିବାରେ ଭାରି ସଉକ୍ । ତେଣୁ ସେ ସକାଳୁ ଉଠି ଓ ଅଫିସ୍‌ରୁ ଫେରିଲାପରେ ଟେପ୍‌ରେ ଅଧିକ ଶବ୍ଦକରି ଗୀତ ଶୁଣନ୍ତି । ନିଜର ପିଲାମାନେ ସେହି ଶବ୍ଦରେ ପାଠ ପଢ଼ିପାରନ୍ତି ନାହିଁ । ଗାଁ ମଝିରେ ଘରଟି ହୋଇଥିବାରୁ ପଡୋଶୀ ଘରର ପିଲାମାନେ ମଧ୍ୟ ପଢ଼ିପାରନ୍ତି ନାହିଁ । ସମସ୍ତେ ସକାଳେ ଓ ସନ୍ଧ୍ୟାରେ ଖେଳନ୍ତି । ପଡ଼ିଶା ଘରର ବୁଢ଼ିମା ମଧ୍ୟ ଶାନ୍ତିରେ ଶୋଇ ପାରନ୍ତି ନାହିଁ । ଜେଜେମା’ ମଧ୍ୟ ପୁରାଣ ପଢ଼ିପାରନ୍ତି ନାହିଁ । କିଛିଦିନ ପରେ ଦେଖାଗଲା ମୋହନ ବାବୁଙ୍କ ପିଲାମାନେ ଓ ପଡ଼ିଶାଘରର ପିଲାମାନେ ପରୀକ୍ଷାରେ ଭଲ କଲେ ନାହିଁ । କହିଲ ଦେଖି, ଏହିସବୁ ଅସୁବିଧା ହେବାର କାରଣ କ’ଣ ? (କୁହ ଓ ଲେଖ)

ଶିକ୍ଷକ କହିଲେ ସବୁଦିନ ଅଧିକ ଜୋରରେ ଶବ୍ଦ କରି ଗୀତ ଶୁଣିବା ମୋହନବାବୁଙ୍କର ଗୋଟିଏ ମନ୍ଦ ଅଭ୍ୟାସ । ତାଙ୍କର ଏହି ମନ୍ଦ ଅଭ୍ୟାସ ପାଇଁ ସମସ୍ତେ ଅସୁବିଧାରେ ପଡ଼ିଲେ ।







ଏହି ଚିତ୍ର ଗୁଡ଼ିକୁ ଦେଖ । ସେଗୁଡ଼ିକରୁ ମନ୍ଦ ଅଭ୍ୟାସର ଚିତ୍ର ଗୁଡ଼ିକୁ ଚିହ୍ନ ଦେଇ ଚିହ୍ନାଅ ।
ତୁମେ ଜାଣିଥିବା କେତୋଟି ଭଲ ଓ ମନ୍ଦ ଅଭ୍ୟାସର ନାମ ଲେଖ ।

| ଭଲ ଅଭ୍ୟାସ | ମନ୍ଦ ଅଭ୍ୟାସ |
|---|---|
| ■ | ■ |
| ■ | ■ |
| ■ | ■ |
| ■ | ■ |
| ■ | ■ |

ଆମେ ସମସ୍ତେ ସମାଜରେ ବାସକରୁ । ସମାଜ କେତେକ ନୀତି ନିୟମରେ ଚାଲେ । କେତେକ କାର୍ଯ୍ୟକଲେ ସମାଜର ନିୟମ ଭଙ୍ଗ ହୁଏ । ସମାଜରେ ନିଜେ ରହିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ଯେପରି ରହିବାରେ ଅସୁବିଧା ନହୁଏ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ମଣିଷକୁ କିଛି ନିୟମ ମାନିବାକୁ ହୁଏ। ଫଳରେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ହୁଏ। ଏସବୁ ନିୟମ ନ ମାନିବା ହେଉଛି ମନ୍ଦ ଅଭ୍ୟାସ ।

ସମାଜରେ କେତେକ ଲୋକ ନାନା ପ୍ରକାର ଅପରାଧ କରିଥାନ୍ତି, ଯଥା:- ଚୋରି, ଡକାୟତି, ମାଡ଼ପିଟ କରିବା, ଧମକ ଚମକ ଦେବା ଓ ଜବରଦସ୍ତ ଚାନ୍ଦା ଆଦାୟ କରିବା ଇତ୍ୟାଦି । ବେଳେବେଳେ ଲୋକମାନେ ଘରଦ୍ୱାର, ସରକାରୀ ଓ ବେସରକାରୀ ଅନୁଷ୍ଠାନର ଆସବାବପତ୍ର, ଗାଡ଼ିମଟର ଇତ୍ୟାଦିକୁ ଭଙ୍ଗାରୁଜା ବା ପୋଡ଼ାଜଳା ଏବଂ ଲୁଟତରାଜ କରନ୍ତି । କେତେକ ଲୋକ ବିନା ଟିକସରେ ବସ୍, ଟ୍ରେନରେ ଯିବା ଆସିବା କରନ୍ତି ଓ ପ୍ଲାଟ୍‌ଫର୍ମରେ ଅନଧିକାର ପ୍ରବେଶ କରନ୍ତି । ଫଳରେ ସମାଜର ତଥା ଦେଶର ଅନେକ କ୍ଷତି ହୁଏ । ଏ ସବୁଗୁଡ଼ିକ ଅପରାଧମୂଳକ କାର୍ଯ୍ୟ। ଏଗୁଡ଼ିକ ମଧ୍ୟ ମନ୍ଦ ଅଭ୍ୟାସ ।

ତୁମ ଅଞ୍ଚଳରେ ଘଟୁଥିବା ଅପରାଧଗୁଡ଼ିକର ନାମ ଲେଖ ।

ଯେପରି -

- ସୁନା ଚେନ ଛିଣ୍ଡାଇ ନେବା
- ମଟର ସାଇକଲ ଚୋରି କରିନେବା

________________________________

________________________________

________________________________

________________________________

**ଟିକିଏ ଚିନ୍ତା କରି କୁହ ଓ ଲେଖ ।**

**ମଦପିଇ ଗାଡ଼ି ଚଳାଇଲେ କ'ଣ ଅସୁବିଧା ହେବ ?**

ମଦ୍ୟ ପାନ କରିବା, ଗଞ୍ଜେଇ ଟାଣିବା, ଡ୍ରଗ୍ସ ଖାଇବା, ଅଫିମ ଖାଇବା ଇତ୍ୟାଦି ଦ୍ୱାରା ମଣିଷ ମନରେ ଏକ ସାମୟିକ ଉତ୍ତେଜନା ସୃଷ୍ଟି ହୁଏ । ଫଳରେ ସେ ନିଜର ହିତାହିତ ଜ୍ଞାନ ଭୁଲିଯାଏ । ସେ ଗୁଣ୍ଡାଗିରି, ଅବିବେକିତା, ଚୋରି, ଡକାୟତି ଆଦି ଅପରାଧମୂଳକ କାର୍ଯ୍ୟ କରିଥାଏ । କେଉଁଟି ଭୁଲ ଓ କେଉଁଟି ଠିକ୍ ସେ ଜାଣିପାରେ ନାହିଁ । ସେମାନେ ମଦ ପିଇବା ପାଇଁ ଘରେ କିମ୍ବା ବାହାରେ ସାଧାରଣ ଲୋକଙ୍କୁ ଭୟଭୀତ କରି ଟଙ୍କା ଆଦାୟ କରନ୍ତି । ଫଳରେ ସାଧାରଣ ଲୋକ ସେମାନଙ୍କୁ ଭୟ ଓ ଘୃଣା କରନ୍ତି ।

## ଅପରାଧ ନିରାକରଣର ଉପାୟ :

୧. ପିଲାମାନେ ପାଠପଢ଼ିବା ଦରକାର କାରଣ ଶିକ୍ଷା ମଣିଷକୁ ଠିକ୍ ବାଟରେ ନିଏ ।

୨. ମନ୍ଦ ଅଭ୍ୟାସ ଓ ତାକୁ ନେଇ ଘଟୁଥିବା ଦୁର୍ଘଟଣା ଓ ଅପରାଧ ଦୂରଦର୍ଶନରେ ଦେଖାଇବା ତଥା ରେଡ଼ିଓରେ ପ୍ରଚାର କରିବା ଦରକାର ।

୩. ବିଦ୍ୟାଳୟରେ ମନ୍ଦ ଅଭ୍ୟାସ ଓ ତତ୍‌ଜନିତ ଅସୁବିଧା ଉପରେ ତର୍କସଭା ଓ ବିଭିନ୍ନ ପ୍ରତିଯୋଗିତା ହେବା ଦରକାର ।

୪. ମନ୍ଦ ଅଭ୍ୟାସ ଓ ଅପରାଧ ସମ୍ପର୍କୀୟ ଯାତ୍ରା ଏବଂ ପଥପ୍ରାନ୍ତ ନାଟକ ବିଭିନ୍ନ ଗଳିକନ୍ଦିରେ ହେବା ଦରକାର ।

୫. ଅପରାଧୀକୁ କଠୋର ଦଣ୍ଡ ଦେବା ବ୍ୟବସ୍ଥା କରାଯିବା ଉଚିତ୍ ।

୬. ନିଶା ଦ୍ରବ୍ୟର ଶରୀର ପ୍ରତି ପଡୁଥିବା କୁପ୍ରଭାବ ବିଷୟରେ ସମସ୍ତଙ୍କୁ ସଚେତନ କରାଯିବା ଆବଶ୍ୟକ ।

ଅପରାଧ ନିରାକରଣ ପାଇଁ ଆଉ କି କି ଉପାୟ କରାଯାଇପାରେ ନିଜେ ଭାବି ଲେଖ ।

### ଆମେ କ'ଣ ଶିଖିଲେ –

- ମନ୍ଦ ଅଭ୍ୟାସ, ମନ୍ଦ ବ୍ୟବହାର ନିଜର କ୍ଷତି କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର କ୍ଷତି କରିଥାଏ ।
- ସମାଜର ନୀତିନିୟମ ନ ମାନି ବିଶୃଙ୍ଖଳିତ ଭାବରେ କାର୍ଯ୍ୟ କରିବା ହେଉଛି ମନ୍ଦ ଅଭ୍ୟାସ ।
- ଅସତ୍ ଚରିତ୍ର ବ୍ୟକ୍ତିମାନେ ସମାଜରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ।
- ଚୋରି, ଡକାୟତି, ହିଂସାତ୍ମକ କାର୍ଯ୍ୟ, ଅନଧିକାର ପ୍ରବେଶ, ମଦପିଇ ଗାଡ଼ି ଚଳାଇବା ଆଦି ଅପରାଧ ମୂଳକ କାର୍ଯ୍ୟ ।
- ଅପରାଧ ନିରାକରଣ ପାଇଁ ଅନେକଗୁଡ଼ିଏ ପନ୍ଥା ରହିଛି । ତାହାକୁ ଅନୁସରଣ କରି ଆମେ ଅପରାଧକୁ କମାଇ ପାରିବା ।

# ଅଭ୍ୟାସ

୧.  ତଳେ ଦିଆଯାଇଥିବା ଅଭ୍ୟାସଗୁଡ଼ିକ ମଧ୍ୟରୁ ମନ୍ଦ ଅଭ୍ୟାସଗୁଡ଼ିକୁ ଓ ଭଲ ଅଭ୍ୟାସ ଗୁଡ଼ିକୁ ତଳସାରଣୀରେ ଲେଖ ।

ରାସ୍ତା ମଝିରେ ସାଇକେଲ ଚଳାଇବା, ଧୂମପାନ କରିବା, ଗୀତଗାଇବା, ପ୍ରତିଦିନ ସିନେମା ଦେଖିବା, ଛୁଟିରେ ବନ୍ଧୁଘର ବୁଲିଯିବା, ଜୋରରେ ମାଇକ ବଜାଇବା, ଖବର କାଗଜ ପଢ଼ିବା, ବିଦ୍ୟାଳୟ କାନ୍ଥରେ ଗାରେଇବା, ରାସ୍ତାକଡ଼ରେ ଗଛ ଲଗାଇବା, ଠିକ୍ ସମୟରେ ଟିକସ୍ ଦେବା, ବେଞ୍ଚ, ଗଛ, ଟାୟାର ଜାଳି ରାସ୍ତା ଅବରୋଧ କରିବା, ଜବରଦସ୍ତ ଚାନ୍ଦା ଆଦାୟ କରିବା, ଅନ୍ୟ ବାଡ଼ିରୁ ଫୁଲ ଓ ଫଳ ଚୋରି କରିବା ।

| ଭଲ ଅଭ୍ୟାସ | ମନ୍ଦ ଅଭ୍ୟାସ |
|---|---|
| | |

୨. ତୁମେ ଜାଣିଥିବା ଯେ କୌଣସି ୫ଟି ଅପରାଧର ନାମ ଲେଖ ।

୩. ତୁମର ଜଣେ ସମ୍ପର୍କୀୟ ମଦ୍ୟପାନ କରୁଥିଲେ କ'ଣ କରିବ ?

୪. ତୁମ ଅଞ୍ଚଳରେ ଘଟୁଥିବା ଅପରାଧଗୁଡ଼ିକର ତାଲିକା କର । ସେହି ଅପରାଧଗୁଡ଼ିକ କିପରି ନିରାକରଣ କରାଯାଇ ପାରିବ ତା'ର ଉପାୟଗୁଡ଼ିକ ଲେଖ ।

| ଅପରାଧ | ନିରାକରଣର ଉପାୟ |
|---|---|
| | |

୫. ତଳେ କେତୋଟି ଉକ୍ତି ଦିଆଯାଇଛି ସେହି ଉକ୍ତିଗୁଡ଼ିକ ମଧ୍ୟରୁ ତୁମକୁ ଭଲ ଲାଗୁଥିବା ଉକ୍ତିଗୁଡ଼ିକରେ (✓) ଚିହ୍ନ ଦିଅ ।

(କ) ନିୟମିତ ବିଦ୍ୟାଳୟକୁ ଆସିବା ।

(ଖ) ଘରର ଅପରିଷ୍କାର ପାଣି ରାସ୍ତାକୁ ଛାଡ଼ିବା ।

(ଗ) ରାସ୍ତାକଡ଼ରେ ଝାଡ଼ା ବସିବା ।

(ଘ) ରାସ୍ତା ଉପରେ ମଇଳା ଜମା କରିବା ଓ ରାସ୍ତାରେ କଦଳୀ ଚୋପା ପକାଇବା ।

(ଙ) ବିଜୁଳିବତିକୁ ଟେକା ମାରି ଭାଙ୍ଗିବା ।

(ଚ) ପ୍ରାର୍ଥନା ସରିବାପରେ ଧାଡ଼ିକରି ନିଜ ଶ୍ରେଣୀ କକ୍ଷକୁ ଫେରିବା ।

(ଛ) ସାଙ୍ଗପିଲାମାନଙ୍କ ସହିତ ଗଣ୍ଡଗୋଳ କରିବା ।

(ଜ) ଦିନରେ ଆବଶ୍ୟକ ନଥାଇ ବିଜୁଳିବତୀ ଜାଳିବା ।

(ଝ) ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ।

୬. ଯେକୌଣସି ୪ଟି ମନ୍ଦ ଅଭ୍ୟାସ ଲେଖ ।

| | |
|---|---|
| | |
| | |

୭.	ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକୁ ପଢ଼ । ଅପରାଧ ନିରାକରଣ ପାଇଁ ସହାୟକ ହେବାଭଳି ଉକ୍ତି ନିକଟରେ (✓) ଚିହ୍ନ ଓ ସହାୟକ ନ ହେବା ଭଳି ଉକ୍ତି ନିକଟରେ ( x ) ଚିହ୍ନ ଦିଅ ।

- ଚୋରିରୁ ରକ୍ଷା ପାଇବା ପାଇଁ ଦୁଆର ଓ ଝରକାଗୁଡ଼ିକୁ ମଜଭୁତ କରିବା ।
- ଆମପାଖରେ ଥିବା ଟଙ୍କା, ପଇସା ଓ ସୁନାଗହଣାକୁ ସୁରକ୍ଷିତ ସ୍ଥାନରେ ରଖିବା ।
- ଉତ୍ତମ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିବା ।
- ଅପରାଧର କୁପରିଣାମ ସମ୍ପର୍କରେ ସଭା, ସମିତି ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରିବା ।
- ମଦପିଇ ଗୋଳମାଳ କଲେ ପୋଲିସ୍‌କୁ ଜଣାଇବା ।
- ଓଜନ ମାପରେ ଠକୁଥିବା ଲୋକଙ୍କୁ କୌଣସି ବାଧା ଦେବା ନାହିଁ ।
- ଚୋରକୁ ଧରିବା ପାଇଁ ଘରେ କୁକୁର ପାଳିବା ।
- ସ୍ଥାନୀୟ ଜଣାଶୁଣା ଅପରାଧୀମାନଙ୍କ ଉପରେ ପୋଲିସ୍‌ର କଡ଼ା ନଜର ରଖିବା ।
- ଦୋଷୀକୁ କଠିନ ଦଣ୍ଡ ଦେବାର ବ୍ୟବସ୍ଥା କରିବା ।
- ଅପରାଧୀକୁ ଜାଣି ମଧ୍ୟ ପୋଲିସ୍‌କୁ ନ ଜଣାଇବା ।
- ସ୍ଥାନୀୟ ଲୋକମାନେ କିଛି ପଇସା ଦେଇ ରାତ୍ରି ଜଗୁଆଳି ରଖିବା ।
- ରେଡିଓ,ଟେଲିଭିଜନ ଓ ସମ୍ବାଦପତ୍ରରେ ଅପରାଧ ନିରାକରଣ ସମ୍ପର୍କରେ ପ୍ରଚାର କରିବା ।
- ଅପରାଧୀର ଚରିତ୍ର ପରିବର୍ତ୍ତନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ।
- ଖରାପ ବ୍ୟବହାରକୁ ସହିବା ।
- ଅପରାଧକୁ ଘୃଣା କରିବା ମାତ୍ର ଅପରାଧୀକୁ ନୁହେଁ ।



## ଘରେ କରିବା ପାଇଁ କାମ

- ଅପରାଧ ନିରାକରଣ ପାଇଁ କେତୋଟି ସ୍ଲୋଗାନ ଲେଖି ଆଣ ଓ ଶ୍ରେଣୀରେ ଉପସ୍ଥାପନ କର । ସବୁଠାରୁ ଭଲ ଲେଖିଥିବା ଶିକ୍ଷାର୍ଥୀଙ୍କୁ ପ୍ରଶଂସିତ କରାଯିବ ।
- ସମ୍ବାଦପତ୍ରରୁ ବିଭିନ୍ନ ଅପରାଧ ବିଷୟରେ ତଥ୍ୟ ସଂଗ୍ରହ କର ଓ ଶ୍ରେଣୀରେ ଉପସ୍ଥାପନା କର ।